ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Forest and Env.(Odia)/1408/08-03-2021**

# ରାଜ୍ୟରେ ବନାଗ୍ନି ପରିଚାଳନା ପାଇଁ ଟାସ୍କଫୋର୍ସ ଗଠିତ

ଭୁବନେଶ୍ୱର, ୮.୦୩.୨୦୨୧

ରାଜ୍ୟରେ ବନାଗ୍ନି ପରିଚାଳନା ପାଇଁ ଟାସ୍କଫୋର୍ସ ଗଠନ କରାଯାଇଛି ବୋଲି ଜଙ୍ଗଲ ଓ ପରିବେଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ ପ୍ରକାଶ କରିଛନ୍ତି ।

ପୂର୍ବତନ ପ୍ରଧାନ ବନ ସଂରକ୍ଷକ ଡ. ସନ୍ଦୀପ ତ୍ରିପାଠୀ ଏହାର ଅଧ୍ୟକ୍ଷ, ଶ୍ରୀ ଶଶୀ ପଲ୍, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ବନ୍ୟପ୍ରାଣୀ), ଭାରତୀୟ ବନ ସର୍ବେକ୍ଷଣ ସଂସ୍ଥା ଡେରାଡୁନ୍‌ର ମହାନିର୍ଦ୍ଦେଶକ ଶ୍ରୀ ପଙ୍କଜ ଅଗ୍ରୱାଲ, ଇଣ୍ଡିଆନ କାଉନ୍‌ସିଲ୍ ଅଫ୍ ଫରେଷ୍ଟ୍ରି ରିସର୍ଚ୍ଚ ଆଣ୍ଡ ଏଜୁକେସନ, ଡେରାଡୁନ୍‌ର ମହାନିର୍ଦ୍ଦେଶକଙ୍କ ପ୍ରତିନିଧି, ନ୍ୟାସନାଲ ରିମୋଟ୍ ସେନ୍‌ସିଂ ସେଣ୍ଟର, ହାଇଦ୍ରାବାଦର ଜଙ୍ଗଲ ଓ ପରିବେଶ ବିଭାଗ ମୁଖ୍ୟ, ଓର୍‌ସାକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପି.କେ. ମଲ୍ଲିକ, ଓଡ଼ିଶା ଏନ୍‌ଭିରନ୍‌ମେଣ୍ଟ ସୋସାଇଟିର ସମ୍ପାଦକ ଜେ.କେ. ପାଣିଗ୍ରାହୀ ଓ ଶ୍ରୀ ବିଜୟ ଅଗ୍ରୱାଲ, ବାରିପଦା ଏହାର ସଦସ୍ୟବୃନ୍ଦ ଓ ଶ୍ରୀ ଜିତେନ୍ଦ୍ର କୁମାର, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ଭାରପ୍ରାପ୍ତ) ଏହି ଟାସ୍କ ଫୋର୍ସର ସଦସ୍ୟ ସଚିବ ରୂପେ କାର୍ଯ୍ୟ ତୁଲାଇବେ ।

ବନାଗ୍ନି ଘଟଣାବଳୀ, ଏଗୁଡ଼ିକର କାରଣ ଓ ତୁରନ୍ତ ଅଗ୍ନିନିର୍ବାପନର ସମୀକ୍ଷା, ପ୍ରଚଳିତ ଥିବା ଅଗ୍ନିନିର୍ବାପକ ପ୍ରୋଟୋକଲ ଓ ଜିଓମାଟ୍ରିକ୍ସ ଆଧାରିତ ଅଗ୍ନି ସୂଚନା ବ୍ୟବସ୍ଥାରେ ଉନ୍ନତି ପାଇଁ ପଦକ୍ଷେପ ଉପରେ ପ୍ରସ୍ତାବ, ବନାଗ୍ନି ପରିଚାଳନା ଓ ପ୍ରତିରୋଧ କ୍ଷେତ୍ରରେ ଅଧିକରୁ ଅଧିକ ଗୋଷ୍ଠୀ ସମ୍ପୃକ୍ତି ପାଇଁ ପ୍ରସ୍ତାବ, ବନାଗ୍ନି ପ୍ରଭାବିତ ଅଞ୍ଚଳରେ ବନ୍ୟପ୍ରାଣୀ ଓ ଜୈବବିବିଧତାରେ କ୍ଷୟକ୍ଷତି ଆକଳନ ଓ ଏହି ସମସ୍ୟାର ସମୁଚିତ ସମାଧାନ ପାଇଁ ପ୍ରସ୍ତାବ, ଅଗ୍ନି ପ୍ରତିରୋଧକ ଓ ଅଗ୍ନି ସୁପରିଚାଳନା ବ୍ୟବସ୍ଥାର ଉନ୍ନତିକରଣ ପାଇଁ ବିବିଧ ପ୍ରସ୍ତାବ ପ୍ରଦାନ ଏହି ଟାସ୍କ ଫୋର୍ସର ମୁଖ୍ୟ କାର୍ଯ୍ୟ ହେବ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ ସୂଚନା ଦେଇଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ,
ସୂଚନା ଅଧିକାରୀ